# ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ଯୋଜନାରେ
## ପୁସ୍ତକ କ୍ରୟ ପାଇଁ ବିଜ୍ଞାପନ

୨୦୧୪-୧୫ ବର୍ଷ ପାଇଁ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ତରଫରୁ ଆମ ରାଜ୍ୟର ସହରାଞ୍ଚଳ, ଗ୍ରାମାଞ୍ଚଳ-'କ' ଏବଂ ଗ୍ରାମାଞ୍ଚଳ-'ଖ' ବର୍ଗର ଅନୁମୋଦିତ ପାଠାଗାରମାନଙ୍କ ପାଇଁ ପୁସ୍ତକ କ୍ରୟ ନିମନ୍ତେ ସଂସ୍କୃତି ବିଭାଗ ଆଗ୍ରହୀ ପ୍ରକାଶକମାନଙ୍କ ଠାରୁ ତା ୨୦.୧୨.୨୦୧୪ ରିଖ ଠାରୁ ତା ୧୯.୦୧.୨୦୧୫ ରିଖ ମଧ୍ୟରେ (ଛୁଟି ଦିନ ବ୍ୟତୀତ) ପୂର୍ବାହ୍ଣ ସାଢ଼େ ଘ.୧୦.୩୦ ମିନିଟ୍ ଠାରୁ ଅପରାହ୍ଣ ୪ ଘଟିକା ମଧ୍ୟରେ ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱର ଠାରେ ନମୁନା ପୁସ୍ତକ ଗ୍ରହଣ କରାଯିବ । ପ୍ରକାଶକମାନେ ନିର୍ଦ୍ଦିଷ୍ଟ ଦରଖାସ୍ତ ଫର୍ମରେ ସମ୍ପୂର୍ଣ୍ଣ ତଥ୍ୟ ଓ ଅଙ୍ଗୀକାରପତ୍ର ସହିତ ନିର୍ଦ୍ଧାରିତ ଦୁଇ ଗୋଟି ବିଭାଗରେ ଯଥା: **୧. ସାଧାରଣ ବିଭାଗ** (କଳା ଓ ସାହିତ୍ୟ, ସାମାଜିକ ବିଜ୍ଞାନ, ଇତିହାସ ଓ ଅନ୍ୟାନ୍ୟ, ଦର୍ଶନ ଓ ଧର୍ମ, ସାଧାରଣ ଓ ତଥ୍ୟ ଭିତ୍ତିକ (**Reference**) ପୁସ୍ତକ, ସାଧାରଣ ବିଜ୍ଞାନ (**Popular Science**) ଓ **୨. ଶିଶୁ ବିଭାଗ** ପାଇଁ ପୃଥକ୍ ପୃଥକ୍ ଭାବରେ ନମୁନା ପୁସ୍ତକ ଓ ତିନିକିତା ଲେଖାଏଁ ଦରଖାସ୍ତ ଫର୍ମ ଦାଖଲ କରିବା ପାଇଁ ଜଣାଇଦିଆଯାଉଅଛି । ଏଥି ସହିତ **Office 2007 in Excel Format** ରେ ଦାଖଲ କରାଯାଉଥିବା ପୁସ୍ତକ ଗୁଡ଼ିକର ବିଷଦ୍ ବିବରଣୀ ସଂଲଗ୍ନ କରାଯାଉଥିବା **Format** ଅନୁଯାୟୀ **C.D.** ଆକାରରେ ଦାଖଲ କରାଯିବା ଆବଶ୍ୟକ । ନଚେତ୍ ସଂପୃକ୍ତ ପ୍ରକାଶକଙ୍କର ଦାଖଲ କରାଯାଉଥିବା ପୁସ୍ତକ ଗ୍ରହଣ କରାଯିବା ନାହିଁ ।ଏଥିପାଇଁ ସର୍ତ୍ତାବଳୀ, ନିର୍ଦ୍ଧାରିତ **C.D. Format** ସହିତ ଅଙ୍ଗୀକାର ପତ୍ର ଓ ନମୁନା ଫର୍ମ ନିମ୍ନରେ ପ୍ରଦାନ କରାଯାଇଛି । ପ୍ରକାଶକମାନେ ସେମାନଙ୍କ ପ୍ରକାଶିତ ପୁସ୍ତକର ଏକ ଖଣ୍ଡ ପୁସ୍ତକ କଲିକତାସ୍ଥିତ ଜାତୀୟ ଗ୍ରନ୍ଥାଗାର ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱରଙ୍କ ଜରିଆରେ ଓ ଦୁଇ ଖଣ୍ଡ ପୁସ୍ତକ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱରଙ୍କ ନିମନ୍ତେ ବିନା ମୂଲ୍ୟରେ ଦାଖଲ କରି ସେହି ପ୍ରାପ୍ତିସ୍ୱୀକାର ରସିଦର ନକଲକୁ ନମୁନା ପୁସ୍ତକ ଦାଖଲ ସମୟରେ ଦରଖାସ୍ତ ସହିତ ସଂଲଗ୍ନ କରିବେ, ଅନ୍ୟଥା ସଂପୃକ୍ତ ପୁସ୍ତକ ଗୁଡ଼ିକୁ ରାଜା ରାମମୋହନ ରାୟ ଗ୍ରନ୍ଥାଗାର ପୁସ୍ତକ କ୍ରୟ ଯୋଜନାରେ ବିଚାରକୁ ନିଆଯିବ ନାହିଁ । ପୂର୍ବରୁ ଦାଖଲ ହୋଇଥିବା ପୁସ୍ତକର ପ୍ରାପ୍ତି ସ୍ୱୀକାର ରସିଦ ଥିଲେ ପୁନଶ୍ଚ ଜାତୀୟ ଗ୍ରନ୍ଥାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ପଠାଇବାର ଆବଶ୍ୟକତା ନାହିଁ ।

ଚଳିତ ବର୍ଷ ଜଣେ ପ୍ରକାଶକ ସାଧାରଣ ବିଭାଗ ଓ ଶିଶୁ ବିଭାଗ ଏହି ଦୁଇ ଗୋଟି ବିଭାଗରେ ସମୁଦାୟ ୨୦ ଖଣ୍ଡ ପର୍ଯ୍ୟନ୍ତ ପୁସ୍ତକ ଦାଖଲ କରିପାରିବେ । ଦାଖଲ ହୋଇଥିବା ପୁସ୍ତକ ମଧ୍ୟରୁ ଅନିର୍ବାଚିତ ପୁସ୍ତକ ଗୁଡ଼ିକୁ ଆଉ ପ୍ରକାଶକ ମାନଙ୍କୁ ଫେରସ୍ତ ଦିଆଯିବ ନାହିଁ ଓ ଏଗୁଡ଼ିକୁ ରାଜ୍ୟର ବିଭିନ୍ନ ସର୍ବ ସାଧାରଣ ଗ୍ରନ୍ଥାଗାରର ପାଠକ / ପାଠିକାମାନଙ୍କ ବ୍ୟବହାର ପାଇଁ ପ୍ରଦାନ କରାଯିବ । ପୁସ୍ତକ ଦାଖଲ ପାଇଁ ଚୟନ ହେବାକୁ ଥିବା ବର୍ଷକୁ ମିଶାଇ ବିଗତ ୩ ବର୍ଷର ପ୍ରକାଶନ ସମୟସୀମା ମଧ୍ୟରେ ପ୍ରକାଶିତ ପୁସ୍ତକ ଗୁଡ଼ିକୁ ଚୟନ ପାଇଁ ଗ୍ରହଣ କରାଯିବ । କିନ୍ତୁ, ସର୍ବଶେଷ ସଂସ୍କରଣ (**Latest Edition**) ଗୁଡ଼ିକୁ ପୁସ୍ତକ ଚୟନ ବେଳେ ଅଗ୍ରାଧିକାର ଦିଆଯିବ । ବିଗତ ୩ ବର୍ଷ ମଧ୍ୟରେ ରାଜା ରାମମୋହନ ରାୟ ପୁସ୍ତକ କ୍ରୟ ଯୋଜନାରେ ଚୟନ କରାଯାଇଥିବା ପୁସ୍ତକ ଗୁଡ଼ିକୁ ପୁନର୍ବାର ନିର୍ବାଚନ କରାଯିବ ନାହିଁ । ଏଣୁ ଏହି ସବୁ ବର୍ଷରେ ନିର୍ବାଚିତ ପୁସ୍ତକ ଗୁଡ଼ିକୁ ପୁନର୍ବାର ଦାଖଲ କରିବାର ଆବଶ୍ୟକତା ନାହିଁ । ସର୍ବୋଚ୍ଚ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ପୁସ୍ତକ କ୍ରୟ କରାଯିବା ପାଇଁ ନୀତି ନିର୍ଦ୍ଧାରଣ କରାଯାଇଅଛି ଓ ଏଥିରୁ ଅଧିକ ମୂଲ୍ୟର ପୁସ୍ତକ ଗୁଡ଼ିକ ଯଦି ପୁସ୍ତକ ଚୟନ କମିଟି ଯୋଗ୍ୟ ବିବେଚିତ ମନେକରନ୍ତି ତେବେ ତାହା ରାଜ୍ୟ ପାଠାଗାର କମିଟିର ଅଧ୍ୟକ୍ଷକଙ୍କ ନିକଟକୁ ବିହିତ ପଦକ୍ଷେପ ନେବା ପାଇଁ ସୁପାରିଶ୍ କରିପାରିବେ ।

ଗୋଟିଏ ବର୍ଷ ପାଇଁ ଜଣେ ଲେଖକଙ୍କର ଖଣ୍ଡିଏ ମାତ୍ର ପୁସ୍ତକ ଚୟନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି ।

ଗୋଟିଏ ବର୍ଷର ସମୁଦାୟ ବ୍ୟୟ ଅଟକଳ ମଧ୍ୟରୁ ଶତକଡ଼ା ୨୫ ଭାଗ ଅର୍ଥରାଶି ସ୍ୱତନ୍ତ୍ର ଭାବେ ସରକାରୀ / ସରକାରୀ ଅନୁଦାନିତ ଅନୁଷ୍ଠାନ (ଏନ୍.ବି.ଟି., ଏନ.ସି.ଇ.ଆର.ଟି. ଓ ଏସ୍.ସି.ଇ.ଆର.ଟି. ଇତ୍ୟାଦି) / ବିଭିନ୍ନ ଏକାଡ଼େମୀ (କେନ୍ଦ୍ର ଓ ରାଜ୍ୟ) ତଥା ଓଡ଼ିଶା ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ପୁସ୍ତକ କ୍ରୟ ପାଇଁ ବ୍ୟବସ୍ଥା ରଖାଯାଇଅଛି ଓ ଅବଶିଷ୍ଟ ୭୫ ଭାଗ ଅର୍ଥ ରାଶିରେ ବେସରକାରୀ ପ୍ରକାଶକ ମାନଙ୍କର ପୁସ୍ତକ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ ବିଭାଗର ପୁସ୍ତକ ପାଇଁ ଅଂଶ ଭାଗ ଅନୁଯାୟୀ ଚୟନ କରାଯିବ । ଏ ବିଷୟରେ ବିଶଦ ତଥ୍ୟ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥାର **Website:www.rrrlf.gov.in** ରେ ଉପଲବ୍ଧ ଅଟେ ।

ଦାଖଲ କରାଯାଉଥିବା ପୁସ୍ତକ ଗୁଡ଼ିକ ନିମ୍ନଲିଖିତ ବିଭାଗର ପରିସରଭୁକ୍ତ ହୋଇଥିବା ଆବଶ୍ୟକ : –

(କ) ଜାତୀୟ ସମ୍ମାନ ଓ ସ୍ୱୀକୃତି ପ୍ରାପ୍ତ ଲେଖକମାନଙ୍କ ଦ୍ୱାରା ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଲିଖିତ ପୁସ୍ତକ ଓ ଓଡ଼ିଆରେ ଅନୁଦିତ ପୁସ୍ତକ ।

(ଖ) କେନ୍ଦ୍ର ଓ ଓଡ଼ିଶା ରାଜ୍ୟ ସାହିତ୍ୟ ଏକାଡ଼େମୀମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ଓଡ଼ିଆ, ହିନ୍ଦୀ, ଇଂରାଜୀ ପୁସ୍ତକ ଓ ଓଡ଼ିଆ ଭାଷାରେ ଅନୁଦିତ ପୁସ୍ତକ ।

(ଗ) ଜାତୀୟ ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଓଡ଼ିଆ ପୁସ୍ତକର ହିନ୍ଦୀ କିମ୍ବା ଇଂରାଜୀ ଅନୁଦିତ ପୁସ୍ତକ ଏବଂ ଅନ୍ୟ ଭାଷାରୁ ଓଡ଼ିଆରେ ଅନୁଦିତ ପୁସ୍ତକ ।

(ଘ) ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଭାଷା ଆଦି ଅନ୍ୟାନ୍ୟ ଭାଷାରେ ଲିଖିତ ଓ ପ୍ରକାଶିତ ଓଡ଼ିଆ ଭାଷା ସମ୍ପର୍କୀତ ତଥା ଅନୁଦିତ ପୁସ୍ତକ ।

(ଙ) ନମୁନା ପୁସ୍ତକ ଦୁଇ ଗୋଟି ବିଭାଗ ଯଥା: **୧. ସାଧାରଣ ବିଭାଗ ଏବଂ ୨. ଶିଶୁ ବିଭାଗ**ରେ ଦାଖଲ କରାଯାଇ ପାରିବ ।

(ଚ) ପୁସ୍ତକ ଗୁଡ଼ିକର ସଂସ୍କରଣ ସମ୍ବନ୍ଧରେ ୧ମ, ୨ୟ, ୩ୟ ଅଥବା ପରବର୍ତ୍ତୀ ସଂସ୍କରଣ, ଏହିପରି ସ୍ପଷ୍ଟ ଉଲ୍ଲେଖ ନମୁନା ପୁସ୍ତକରେ ତଥା ଦରଖାସ୍ତ ଫର୍ମରେ ରହିବ । ପରିବର୍ଦ୍ଧିତ ସଂସ୍କରଣ, ପରିମାର୍ଜିତ ସଂସ୍କରଣ, କେବଳ ପ୍ରକାଶନ କାଳ ଉଲ୍ଲେଖଥିବା ପୁସ୍ତକ ଗୁଡ଼ିକୁ ପ୍ରଥମ ସଂସ୍କରଣ ଭାବେ ଗ୍ରହଣ କରାଯିବ ନାହିଁ ।

(ଛ) ପରିବେଶ, କମ୍ପୁଟର ଶିକ୍ଷା, ଶକ୍ତି, ପ୍ରାକୃତିକ ସଂପଦ, ଧନ୍ଦା ମୂଳକ, ସାଧାରଣ ଜ୍ଞାନ ବର୍ଦ୍ଧକ ତଥା ପ୍ରତିଯୋଗୀତା ମୂଳକ, ଜୀବନୀ ଓ ଆତ୍ମଜୀବନୀ ସମ୍ବନ୍ଧୀୟ ପୁସ୍ତକ ।

# ସର୍ତ୍ତାବଳୀ

୧. ପ୍ରକାଶକମାନେ ସେମାନଙ୍କ ଦ୍ୱାରା ଦାଖଲ କରାଯାଉଥିବା ପୁସ୍ତକର ଦାଖଲ ପୂର୍ବରୁ ୩୦ ପ୍ରତିଶତ ବିକ୍ରୟ ହୋଇଥିବା ଆବଶ୍ୟକ ଓ ସଂପୃକ୍ତ ଲେଖକଙ୍କର ରାଜଭାଗ ପୈଠ କରାଯାଇଥିବା ଆବଶ୍ୟକ । ଏ ସମ୍ବନ୍ଧରେ ପ୍ରକାଶକମାନେ ଏକ ଅଙ୍ଗୀକାର ପତ୍ର ଦାଖଲ କରିବେ ।

୨. ମୁଦ୍ରିତ ମୂଲ୍ୟ / ମସିହା ବ୍ୟତୀତ ହାତଲେଖା, ରବରଷ୍ଟାମ୍ପ କିମ୍ବା ଅନ୍ୟ ପ୍ରକାରର ସଂଶୋଧିତ ମୂଲ୍ୟ / ମସିହା / ଭିତର ପୃଷ୍ଠା ପରିବର୍ତ୍ତନ ତଥା ପ୍ରତିଲିପି (**Xerox**) କରାଯାଇଥିବା ପୁସ୍ତକଗୁଡ଼ିକ ଗ୍ରହଣ କରାଯିବ ନାହିଁ ।

୩. ବିଦେଶୀ ପ୍ରକାଶନ, ପାଠ୍ୟ ପୁସ୍ତକ, ଗାଇଡ୍ ପୁସ୍ତକ, ଆଇନ୍ ସଂପର୍କୀତ ପୁସ୍ତକ, ସ୍ମରଣିକା, ବାର୍ଷିକ ବିବରଣୀ, ପତ୍ର ପତ୍ରିକା ଆଦି ଚୟନ ପାଇଁ ଗ୍ରହଣ କରାଯିବ ନାହିଁ। ସେହିପରି ଧର୍ମ, ବର୍ଣ୍ଣ, ଜାତି, ରାଜନୈତିକ ଦଳ କିମ୍ବା ବ୍ୟକ୍ତି ସମ୍ବନ୍ଧୀୟ ବିବାଦୀୟ ପୁସ୍ତକ ଚୟନ ପାଇଁ ଗ୍ରହଣ କରାଯିବ ନାହିଁ।

୪. ନିର୍ବାଚିତ ପୁସ୍ତକଗୁଡ଼ିକ ଉପରେ ପ୍ରକାଶକମାନେ ମୁଦ୍ରିତ ମୂଲ୍ୟ ଉପରେ ଶତକଡ଼ା ୩୦ ଭାଗ ରିହାତି ପ୍ରଦାନ କରିବେ ।

୫. **ISBN** ଥିବା ପୁସ୍ତକ ଗୁଡ଼ିକୁ ଚୟନ ବେଳେ ଅଗ୍ରାଧିକାର ଦିଆଯିବ ।

୬. ନିର୍ବାଚିତ ହୋଇ ନ ଥିବା ପୁସ୍ତକଗୁଡ଼ିକ ପ୍ରକାଶକମାନେ ଫେରସ୍ତ ନେଇପାରିବେ ନାହିଁ ଓ ତାହା ରାଜ୍ୟର ସର୍ବ ସାଧାରଣ ଗ୍ରନ୍ଥାଗାର ଗୁଡ଼ିକୁ ପ୍ରଦାନ କରାଯିବ ।

୭. ପୂର୍ବ ତିନି ବର୍ଷ ମଧ୍ୟରେ ନିର୍ବାଚିତ ହୋଇଥିବା ପୁସ୍ତକ ଗୁଡ଼ିକ ଏଥିସହିତ ଦାଖଲ ହେବ ନାହିଁ ।

୮. ପ୍ରକାଶକମାନେ ଦାଖଲ କରୁଥିବା ପୁସ୍ତକର ଏକ ଖଣ୍ଡ ଜାତୀୟ ଗ୍ରନ୍ଥାଗାର, କଲିକତା ଏବଂ ଦୁଇକିତା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିମନ୍ତେ ବିନା ମୂଲ୍ୟରେ ଦାଖଲ କରିଥିବାର ପ୍ରାପ୍ତି ସ୍ୱୀକାର ରସିଦ୍ ସଂଲଗ୍ନ କରିବେ ।

୯. ପୁସ୍ତକର ସାଇଜ୍, ବ୍ୟବହୃତ କାଗଜର ମାନ, ବନ୍ଧାଇର ମାନ ଅନୁଯାୟୀ ପୁସ୍ତକ ନିର୍ବାଚନ କମିଟି ପୁସ୍ତକ ଗୁଡ଼ିକର ପୁନଃ ମୂଲ୍ୟାୟନ କରିପାରିବେ ।

୧୦. ପ୍ରକାଶକମାନେ ପୁରସ୍କାର ଲାଭ କରିଥିବା ପୁସ୍ତକ ଗୁଡ଼ିକର ସ୍ୱତନ୍ତ୍ର ଚୟନ ନିମିତ୍ତ ପୁରସ୍କାର ସମ୍ବନ୍ଧୀୟ ପ୍ରମାଣପତ୍ର ଦାଖଲ କରିବେ ।

୧୧. ପୁସ୍ତକ ଦାଖଲ କଲାବେଳେ ପ୍ରକାଶକମାନେ ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ସହ ଫୋନ/ମୋବାଇଲ/ଫ୍ୟାକ୍ସ ନମ୍ବର/ଇ-ମେଲ ସମ୍ପର୍କରେ ସୂଚନା ଦେବେ ଯଦ୍ୱାରା ଆବଶ୍ୟକସ୍ଥଳେ ସେମାନଙ୍କସହ ତୁରନ୍ତ ଯୋଗାଯୋଗ କରାଯାଇପାରିବ ।

୧୨. ପୁସ୍ତକ ନିର୍ବାଚନ ସମ୍ବନ୍ଧରେ ରାଜ୍ୟ ଗ୍ରନ୍ଥାଗାର କମିଟି (**SLC**) ର ନିଷ୍ପତ୍ତି ଚୂଡ଼ାନ୍ତ ବିବେଚିତ ହେବ ।

୧୩. ନିର୍ବାଚିତ ପୁସ୍ତକ ଗୁଡ଼ିକ ଆଦେଶ ପ୍ରାପ୍ତିର ୩୦ ଦିନ ମଧ୍ୟରେ ଦାଖଲ କରାଯିବା ପାଇଁ ସର୍ବୋଚ୍ଚ ସୀମା ରଖାଯାଇଅଛି । କୌଣସି କାରଣ ବଶତଃ ଏହି ସୀମାକୁ ବଢ଼ା ଯାଇପାରିବ ନାହିଁ।

୧୪. ପ୍ରତ୍ୟେକ ପ୍ରକାଶକ **PAN** ନମ୍ବରର ପ୍ରତିଲିପି **(xerox)** ଦାଖଲ କରିବା ଅପରିହାର୍ଯ୍ୟ ଅଟେ । ଏକା **PAN** ନମ୍ବରରେ ଯଦି ଏକାଧିକ ପ୍ରକାଶକଙ୍କ ନାମରେ ପୁସ୍ତକ ଦାଖଲ ହୋଇଥାଏ ତେବେ ସଂପୃକ୍ତ ପ୍ରକାଶକ ମାନଙ୍କର ଦାଖଲ କରାଯାଇଥିବା ପୁସ୍ତକ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

୧୫. ପ୍ରକାଶକଙ୍କ ଦ୍ୱାରା ଦାଖଲ କରାଯାଇଥିବା **C.D.** କୌଣସି କାରଣରୁ ନ ଖୋଲିଲେ କିମ୍ବା ନିର୍ଦ୍ଧାରିତ **Office 2007 in Excel Format** ରେ ନ ଥିଲେ ସଂପୃକ୍ତ ପ୍ରକାଶକ ପୁନର୍ବାର ଏହା ଦାଖଲ କରିବା ଆବଶ୍ୟକ । ନଚେତ୍ ତାଙ୍କର ପୁସ୍ତକ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ଏଥିପାଇଁ ଯୋଗାଯୋଗ ଠିକଣା ସହିତ ମୋବାଇଲ୍ ନମ୍ବର ଓ ଇ-ମେଲ୍ ଠିକଣା ପ୍ରଦାନ କରିବା ଆବଶ୍ୟକ ।

୧୬. ପୁସ୍ତକ ଗୁଡ଼ିକ ଏଥିସହ ସଂଲଗ୍ନ ନମୁନା ଫର୍ମ ପୂରଣ କରି ଦାଖଲ କରିବାକୁ ହେବ ।

ନିର୍ଦ୍ଦେଶକ, ସଂସ୍କୃତି
ଓଡ଼ିଶା, ଭୁବନେଶ୍ୱର ।

## ୨୦୧୪-୧୫ ଆର୍ଥିକ ବର୍ଷ ନିମନ୍ତେ ରାଜା ରାମମୋହନ ରାୟ ପାଠାଗାର ଯୋଜନାରେ ପୁସ୍ତକ କ୍ରୟ ନିମନ୍ତେ ନମୁନା ଫର୍ମ

(ତିନିକିତା କିସମଓ୍ୱାରୀ ଦରଖାସ୍ତ ଫର୍ମ ଦାଖଲ କରିବାକୁ ହେବ)

୧. କ୍ରମିକ ସଂଖ୍ୟା (ଯଦି ଏକାଧିକ ପୁସ୍ତକ ଥାଏ)

୨. ପୁସ୍ତକର ନାମ

୩. ଲେଖକଙ୍କ ନାମ

୪. ଭାଗ ସଂଖ୍ୟା (Volume / Series)

୫. ପୃଷ୍ଠା ସଂଖ୍ୟା

୬. ସଂସ୍କରଣ ସଂଖ୍ୟା ଓ ପ୍ରକାଶନ ବର୍ଷ

୭. ବନ୍ଧାଇ (ସାଧା / ବୋର୍ଡ଼)

୮. ଦାଖଲ କରିବାକୁଥିବା ପୁସ୍ତକ ପୂର୍ବରୁ କିଣାଯାଇଛି କି ନାହିଁ । ଯଦି କିଣାଯାଇଛି, କେଉଁ ବର୍ଷ ପାଇଁ ?

୯. ପୁସ୍ତକ କିସମ –

(କ) **ସାଧାରଣ ବିଭାଗ** : (୧.କଳା ଓ ସାହିତ୍ୟ, ୨.ସାମାଜିକ ବିଜ୍ଞାନ ଓ ଅନ୍ୟାନ୍ୟ, ୩.ଦର୍ଶନ ଓ ଧର୍ମ, ୪.ସାଧାରଣ ଓ ସୂଚନାତ୍ମକ ପୁସ୍ତକ, ୫.ସାଧାରଣ ବିଜ୍ଞାନ)

(ଖ) **ଶିଶୁ ବିଭାଗ ଓ ନବ ସାକ୍ଷର ସମ୍ବନ୍ଧିତ ପୁସ୍ତକ**

(ପ୍ରତ୍ୟେକ ଶ୍ରେଣୀ ପାଇଁ ପୃଥକ୍ ପୃଥକ୍ ନମୁନା ଫର୍ମ ଦାଖଲ କରିବାକୁ ହେବ ଓ ଜଣେ ପ୍ରକାଶକଙ୍କ ଦ୍ୱାରା ସମସ୍ତ ଶ୍ରେଣୀ ପାଇଁ ଦାଖଲ କାରାଯାଇଥିବା ସମୁଦାୟ ପୁସ୍ତକ ୨୦ ଗୋଟିରୁ ଅଧିକ ହେବ ନାହିଁ)

୧୦. ପୁସ୍ତକର ମୂଲ୍ୟ

୧୧. କୋଲକାତାସ୍ଥିତ ଜାତୀୟ ଗ୍ରନ୍ଥାଗାର ପାଇଁ ଓ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପାଇଁ ଦାଖଲ କରିଥିବା ପୁସ୍ତକର ପ୍ରାପ୍ତି ସ୍ୱୀକାର ରସିଦ୍ ସଂଲଗ୍ନ କି ନୁହେଁ ☐

(ପ୍ରାପ୍ତି ସ୍ୱୀକାର ରସିଦ୍ ଗୁଡ଼ିକର ଏକକିତା ଲେଖାଏଁ ଜେରକ୍ସ କପି ସଂଲଗ୍ନ କରିବେ)

୧୨. ଦାଖଲ କରୁଥିବା ପ୍ରକାଶକଙ୍କ ପୂର୍ଣ୍ଣ ଠିକଣା

ଦାଖଲକାରୀଙ୍କ ପୂର୍ଣ୍ଣ ସାକ୍ଷର

ମୋବାଇଲ ଫୋନ୍ ନଂ

ତାରିଖ –

ଲାଣ୍ଡ ଫୋନ୍ ନଂ.

ଫ୍ୟାକ୍ସ ନଂ.

ଇ-ମେଲ୍ :

### ଅଙ୍ଗୀକାର ପତ୍ର

ପ୍ରକାଶଥାଉକି, ଆମ୍ଭେ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ରାଜା ରାମମୋହନ ରାୟ ଯୋଜନାରେ ପୁସ୍ତକ କ୍ରୟ ନିମନ୍ତେ ପ୍ରଦତ୍ତ ସର୍ତ୍ତାବଳୀ ଗୁଡ଼ିକ ମାନିବା ଓ ତଦନୁଯାୟୀ ପୁସ୍ତକ ପ୍ରଦାନ ପାଇଁ ଆମ୍ଭେ ଅଙ୍ଗୀକାରବଦ୍ଧ ଅଟୁ ଓ ଭବିଷ୍ୟତରେ ଅସତ୍ୟ ପ୍ରମାଣିତ ହେଲେ ଏଥିପାଇଁ ଆମ୍ଭେ ଦାୟୀ ରହିବା ପାଇଁ ନିମ୍ନ ଅଙ୍ଗୀକାର ପତ୍ର ଦାଖଲ କରୁଅଛୁ ।

୧. ଦାଖଲ କରାଯାଉଥିବା ପୁସ୍ତକ ଗୁଡ଼ିକର ଶତକଡ଼ା ୩୦ ଭାଗ ବର୍ତ୍ତମାନ ସୁଦ୍ଧା ବିକ୍ରୟ ସରିଛି ଏବଂ ଦାଖଲ କରାଯାଉଥିବା ଲେଖକ ମାନଙ୍କର ରାଜ ଭାଗ ପଇଠ କରାଯାଇଅଛି ।

୨. ନିର୍ବାଚିତ ପୁସ୍ତକ ଗୁଡ଼ିକ ଦାଖଲ ହୋଇଥିବା ନମୁନା ପୁସ୍ତକର ନିର୍ଦ୍ଧାରିତ ମାନ (କାଗଜ, ମୁଦ୍ରଣ, ସାଇଜ, ପୃଷ୍ଠା ସଂଖ୍ୟା ଓ ବନ୍ଧେଇ) ସହିତ ସମାନ ରହିବ । ନଚେତ୍ ପୁସ୍ତକ କ୍ରୟ ପାଇଁ ଗ୍ରହଣ କରା ନ ଗଲେ ଆମ୍ଭର କୌଣସି ଆପତ୍ତି ରହିବ ନାହିଁ ।

୩. ଦାଖଲ କରାଯାଉଥିବା ପୁସ୍ତକ ଗୁଡ଼ିକ ନିର୍ଦ୍ଧାରିତ ମାନ ଓ ମୂଲ୍ୟ ଥାଇ ସେହିପରି ଅନ୍ୟ କୌଣସି ପୁସ୍ତକ କମ୍ ମୂଲ୍ୟରେ ବଜାରରେ ଉପଲବ୍ଧ ନାହିଁ ।

ଦାଖଲକାରୀଙ୍କ ପୂର୍ଣ୍ଣ ସାକ୍ଷର

PROFORMA FOR SUBMISSION OF BOOKS UNDER RRRLF MATCHING SCHEME
FOR THE YEAR 2014-15
Name of the Category-GENERAL / CHILDREN

| Sl. No. | PUBLISHER | TITLE | AUTHOR | EDITION | YEAR OF PUB. | PAGE | HARD BOUND/ PAPER BACK | PRICE IN Rs. | LANGUAGE | PAN | CATEG ORY | ISBN No. | REMARKS |
|---|---|---|---|---|---|---|---|---|---|---|---|---|---|
| | | | | | | | | | | | | | |